# Joint Press Release on First Meeting of India-Maldives Joint Working Group on Counter Terrorism, Countering Violent Extremism and De-Radicalisation

April 08, 2021

---

# ଆତଙ୍କବାଦ, ହିଂସାତ୍ମକ ଉଗ୍ରବାଦ ଏବଂ କଟ୍ଟରତାର ମୁକାବିଲା କରିବା ନିମନ୍ତେ ଗଠିତ ଭାରତ-ମାଳଦ୍ୱୀପ ମିଳିତ କାର୍ଯ୍ୟଗୋଷ୍ଠୀର ପ୍ରଥମ ବୈଠକ ଉପରେ ମିଳିତ ପ୍ରେସ ବିଜ୍ଞପ୍ତି

ଏପ୍ରିଲ 08, 2021

ଆତଙ୍କବାଦ, ହିଂସାତ୍ମକ ଉଗ୍ରବାଦ ଏବଂ କଟ୍ଟରତାର ମୁକାବିଲା କରିବା ନିମନ୍ତେ ଭାରତ ଏବଂ ମାଳଦ୍ୱୀପ ମଧ୍ୟରେ ଗଠିତ ମିଳିତ କାର୍ଯ୍ୟଗୋଷ୍ଠୀର ପ୍ରଥମ ବୈଠକ ୫ ଏପ୍ରିଲ 2021 ରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପଶ୍ଚିମ) ଶ୍ରୀ ବିକାଶ ସ୍ୱରୂପ ଏବଂ ମାଳଦ୍ୱୀପ ଦଳର ନେତୃତ୍ୱ ବୈଦେଶିକ ସଚିବ ଶ୍ରୀ ଅବଦୁଲ ଘଫୁର ମହମ୍ମଦଙ୍କ ନେଇଥିଲେ। ଏକ ଆନ୍ତରିକ ଏବଂ ଗଠନମୂଳକ ବାତାବରଣରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ଯାହା ଭାରତ ଏବଂ ମାଳଦ୍ୱୀପ ମଧ୍ୟରେ ସମୟ ପରୀକ୍ଷିତ ତଥା ଉତ୍ତମ ପଡୋଶୀ ସମ୍ପର୍କ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଷ୍ଟ୍ରପତି ଇବ୍ରାହିମ ମହମ୍ମଦ ସୋଲିହଙ୍କ ନେତୃତ୍ୱରେ ଆମର ଦ୍ୱିପାକ୍ଷିକ ସମ୍ପର୍କ ହାସଲ କରିଥିବା ଶକ୍ତି, ଅଭିଳାଷ ଏବଂ ଶିଖରର ପ୍ରତୀକ।

ଭାରତ ଏବଂ ମାଳଦ୍ୱୀପ ସୀମାପାର ଆତଙ୍କବାଦ ସମେତ ଆତଙ୍କବାଦର ସମସ୍ତ ରୂପ ତଥା ପ୍ରକଟକୁ ଦୃଢ ନିନ୍ଦା କରିଥିଲେ ଏବଂ ଆତଙ୍କବାଦର ବ୍ୟାପକ ତଥା ସ୍ଥାୟୀ ଢଙ୍ଗରେ ମୁକାବିଲା କରିବା ପାଇଁ ଆନ୍ତର୍ଜାତୀୟ ସହଯୋଗକୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜାତିସଂଘ ଦ୍ୱାରା ପ୍ରତିବନ୍ଧିତ ଆତଙ୍କବାଦୀ ସଂଗଠନ ଦ୍ୱାରା ସୃଷ୍ଟି ହୋଇଥିବା ବିପଦକୁ ଉଭୟ ପକ୍ଷ ସମୀକ୍ଷା କରିଥିଲେ ଏବଂ ସମସ୍ତ ଆତଙ୍କବାଦୀ ନେଟୱାର୍କ ବିରୋଧରେ ମିଳିତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟ ଦେଶ ଉପରେ ଆତଙ୍କବାଦୀ ଆକ୍ରମଣ ପାଇଁ ସେମାନଙ୍କ ନିୟନ୍ତ୍ରଣରେ ଥିବା କୌଣସି ଅଞ୍ଚଳ ବ୍ୟବହାର ନହେବାକୁ ଦେବା ତଥା ଆତଙ୍କବାଦୀ ଆକ୍ରମଣର ଅପରାଧୀଙ୍କୁ ଶୀଘ୍ର ଦଣ୍ଡିତ କରିବା ପାଇଁ ସମସ୍ତ ଦେଶ ତୁରନ୍ତ, ନିରନ୍ତର, ଯାଞ୍ଚଯୋଗ୍ୟ ଏବଂ ଅପରିବର୍ତ୍ତନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ସେମାନେ ମତ ଦେଇଥିଲେ।

ଜୁନ 2019 ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାଳଦ୍ୱୀପ ଗସ୍ତ ସମୟରେ ଜାରି କରାଯାଇଥିବା ମିଳିତ ବିବୃତ୍ତିକୁ ଉଲ୍ଲେଖ କରି ଆତଙ୍କବାଦ, ହିଂସାତ୍ମକ ଉଗ୍ରବାଦ ଏବଂ କଟ୍ଟରତା ଏହି ଅଞ୍ଚଳର ଶାନ୍ତି ଏବଂ ନିରାପତ୍ତା ପାଇଁ ସୃଷ୍ଟି କରିଥିବା ବିପଦକୁ ଉଭୟ ପକ୍ଷ ଚିହ୍ନଟ କରିଥିଲେ।

ଏହି ବିପଦକୁ ପ୍ରତିହତ କରିବା ପାଇଁ ରାଷ୍ଟ୍ରପତି ସୋଲିହ ସରକାରଙ୍କ ଦ୍ୱାରା ନିଆଯାଇଥିବା ସ୍ୱଷ୍ଟ ଆଭିମୁଖ୍ୟ ଏବଂ ମାଳଦ୍ୱୀପ ଦ୍ୱାରା ଏହି ଦିଗରେ ନିଆଯାଇଥିବା ଠୋସ୍ ପଦକ୍ଷେପକୁ ଭାରତ ପ୍ରଶଂସା କରିଛି।

ଆତଙ୍କବାଦର ମୁକାବିଲା ତଥା ହିଂସାତ୍ମକ ଉଗ୍ରବାଦର ବିରୋଧ କରିବା, ଆତଙ୍କବାଦକୁ ଆର୍ଥିକ ସହାୟତାର ମୁକାବିଲା କରିବା, ଆତଙ୍କବାଦ ତଥା ହିଂସାତ୍ମକ ଉଗ୍ରବାଦ ପାଇଁ ଇଣ୍ଟରନେଟର ବ୍ୟବହାରକୁ ରୋକିବା, ସୂଚନା ପ୍ରଦାନ, ଦକ୍ଷତା ବୃଦ୍ଧି ଏବଂ ପୋଲିସ, ସୁରକ୍ଷା ବଳ, କଷ୍ଟମ୍ସ, ଇମିଗ୍ରେସନ ଏବଂ ଅନ୍ୟାନ୍ୟ ସଂପୃକ୍ତ ସଂସ୍ଥା ମଧ୍ୟରେ ଆନୁଷ୍ଠାନିକ ସଂଯୋଗ ସ୍ଥାପନ ଭଳି ବିଭିନ୍ନ କ୍ଷେତ୍ରରେ ସହଯୋଗ ପାଇଁ ଉଭୟ ପକ୍ଷ ମତ ବିନିମୟ କରିଥିଲେ। ଏତଦବ୍ୟତୀତ ନିଶା କାରବାର ତଥା ଚୋରା ଡ୍ରଗ୍ କାରବାର ବିରୋଧରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ଉପରେ ଉଭୟ ପକ୍ଷ ମତ ବିନିମୟ କରିଥିଲେ। ଆତଙ୍କବାଦ, କଟ୍ଟରତା ଏବଂ ହିଂସାତ୍ମକ ଉଗ୍ରବାଦର ମୁକାବିଲା କରିବା କ୍ଷେତ୍ରରେ କୋଭିଡ-19 ମହାମାରୀ ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ୟା ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା।

ଦ୍ୱିପାକ୍ଷିକ ସହଯୋଗକୁ ମଜବୁତ କରିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ ଯେଉଁଥିରେ ମାଳଦ୍ୱୀପର ସୁରକ୍ଷା ଓ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ତଥା ଅନ୍ୟାନ୍ୟ ସଂପୃକ୍ତ ସଂସ୍ଥାଗୁଡିକ ପାଇଁ ସହାୟତା ତଥା ଦକ୍ଷତା ବୃଦ୍ଧି ଏବଂ ଆତଙ୍କବାଦ, ହିଂସାତ୍ମକ ଉଗ୍ରବାଦ ରୋକିବା ଏବଂ ଏହାର ମୁକାବିଲା କରିବା କ୍ଷେତ୍ରରେ ସହଯୋଗ ଏବଂ ସର୍ବୋତ୍ତମ ଅଭ୍ୟାସ ଆଦାନ ପ୍ରଦାନରେ ସହଯୋଗ ଆଦି ଅନ୍ତର୍ଭୁକ୍ତ। ଉଭୟ ପକ୍ଷ ମଧ୍ୟ ବହୁପକ୍ଷୀୟ ମଞ୍ଚରେ ସହଯୋଗ ଉପରେ ଆଲୋଚନା କରିଥିଲେ।

ମାଳଦ୍ୱୀପ ପ୍ରତିନିଧୀ ଦଳ ନୂଆଦିଲ୍ଲୀରେ ରହଣି ସମୟରେ ରାଷ୍ଟ୍ରୀୟ ସୁରକ୍ଷା ଗାର୍ଡ ଏବଂ ପୋଲିସ ଅନୁସନ୍ଧାନ ଏବଂ ବିକାଶ ବ୍ୟୁରୋର ତାଲିମ କେନ୍ଦ୍ର ପରିଦର୍ଶନ କରିବେ।

**ନୂଆଦିଲ୍ଲୀ**
**ଏପ୍ରିଲ 08, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.